

# ସବୁଜ ସ୍ୱର୍ଣ୍ଣ

## କୃଷି ବିଜ୍ଞାନ କେନ୍ଦ୍ର, (ଓ.ୟୁ.ଏ.ଟି.) ନୟାଗଡ଼

## KRISHI VIGYAN KENDRA, (O.U.A.T.), NAYAGARH

ସମାଚର ପତ୍ର-୨୦୨୫-୨୬ ଅକ୍ଟୋବର - ଡ଼ିସେମ୍ବର

### ପ୍ରଧାନ ମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା କାର୍ଯ୍ୟକ୍ରମ



କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ବିଭାଗର ମିଳିତ ସହଯୋଗରେ ନୟାଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ପି.ଏମ୍ ଧନ-ଧାନ୍ୟ କୃଷି ଯୋଜନା କାର୍ଯ୍ୟକ୍ରମ ୧୧ ଅକ୍ଟୋବର ୨୦୨୫ ରିଖରେ ଆୟୋଜନ କରାଯାଇଥିଲା । ଏହାକୁ ଆଭାସି ମାଧ୍ୟମରେ ପ୍ରଧାନ ମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡ଼ାଲି ଜାତୀୟ ଫସଲରେ ପ୍ରୋତ୍ସାହନ ଏବଂ ହେକ୍ଟର ପ୍ରତି ଉତ୍ପାଦନର ବୃଦ୍ଧି ପାଇଁ ଦେଶର ୧୦୦ଗୋଟି ଜିଲ୍ଲା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଏହା ସହିତ ଡ଼ାଲି ଫସଲରେ ଉନ୍ନତ କିସମର ବ୍ୟବହାର, ଜଳ ପରିଚାଳନା ତଥା ବୈଜ୍ଞାନିକ ପ୍ରଣାଳୀରେ ଚାଷ କରିବା ଆଦି ବାବାଦରେ ଆଲୋଚନା କରାଯାଇଥିଲା ।ଏହି ଯୋଜନାଟି ଅନ୍ତର୍ଭୁକ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କର ଆୟ ବୃଦ୍ଧି କରିବା ସହିତ ଡାଲି ଫସଲରେ ଆତ୍ମନିର୍ଭର ଭାରତ ଗଠନ ହେବାରେ ସହାୟକ ହେବ । ଉକ୍ତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଶ୍ରୀଯୁକ୍ତ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଜିଲ୍ଲା ପରିଷଦ କୃଷି ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ସରୋଜ ରଣସିଂ, ଅତିରିକ୍ତ ଜଲ୍ଲାପାଳ ରୋଜିନା ଦାସ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶିବ ନାରୟଣ ସିଂ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡଃ. ଅନିଲ୍ କୁମାର ସ୍ୱାଇଁ ଏବଂ ବିଭିନ୍ନ ବ୍ଲକ୍‌ରୁ ପ୍ରାୟ ୨୦୦ ରୁ ଅଧିକ ଚାଷୀ ଯୋଗଦେଇଥିଲେ ।



### ପ୍ରଧାନମନ୍ତ୍ରୀ କିଷାନ ଦିବସ ସମାରୋହ



କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ବିଭାଗର ମିଳିତ ସହଯୋଗରେ ୨୧ ତମ ପି.ଏମ. କିଷାନ କାର୍ଯ୍ୟକ୍ରମର ସିଧା ପ୍ରସାରଣ କୃଷି ବିଜ୍ଞାନ କେନ୍ଦ୍ର ଠାରେ ନଭେମ୍ବର ୧୯ ତାରିଖରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମାନ୍ୟବର ପ୍ରଧାନ ମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ତାମିଲ୍‌ନାଡୁର କୋଏମ୍ବାଟୁର ଠାରେ ପିଏମ କିଶାନ ସମ୍ମାନ ନିଧି ଯୋଜନା ଉଦ୍‌ଘାଟନ କରିବା ସହ ଦେଶର ୯ କୋଟିରୁ ଉର୍ଦ୍ଧ୍ୱ ଚାଷୀମାନଙ୍କୁ ୨୧ ତମ କିସ୍ତି ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରଧାନ ମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ଚାଷୀମାନଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବା, ଉଦ୍ୟାନ କୃଷିରେ ନୂତନ କୌଶଳ ତଥା କୃଷିରେ ଯାନ୍ତ୍ରୀକରଣର ବ୍ୟବହାର ଏବଂ ଭୁଜଳର ସୁପରିଚାଳନା ଆଦି ବାବଦରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଶ୍ରୀଯୁକ୍ତ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇଥିବା ବେଳେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଏବଂ ଜିଲ୍ଲାର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଚାଷୀ ମାନଙ୍କୁ ବୈଜ୍ଞାନିକ କୃଷିପଦ୍ଧତିକୁ ଆପଣେଇବା ଏବଂ ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ ।

## ତୈଳବୀଜ ଫସଲର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ



ଜିଲ୍ଲାରେ ତୈଳ ଉତ୍ପାଦନ ବୃଦ୍ଧି ଏବଂ ଅଧିକ ଅମଳ କ୍ଷମ ବିହନର ବ୍ୟବହାର ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଚଳିତ ରବି ୨୦୨୫-୨୬ ରେ ୬ ଗୋଟି ବ୍ଲକର ୬ଟି ଗ୍ରାମରେ ୪୦ ହେକ୍ଟର ଜମିରେ ସୋରିଷ ଫସଲର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ (CFLD) କାର୍ଯ୍ୟକ୍ରମକୁ ହାତକୁ ନିଆଯାଇଛି । ଏହି କ୍ଷେତ୍ର ପ୍ରଦର୍ଶନ ୧୦୦ ଜଣ ଚାଷୀ ଭାଇ ଓ ଭଉଣୀ କ୍ଷେତ୍ରରେ କରାଯାଇଛି । ଉକ୍ତ ପ୍ରଦର୍ଶନରେ ସୋରିଷର ନୂତନ କିସମ JT ୯୦-୧ (ଯେୟୁଟି ) କିସମର ବ୍ୟବହାର କରାଯାଇଛି । ଚାଷୀ ଭାଇ ମାନଙ୍କୁ ତାଲିମ ମାଧ୍ୟମରେ ସୋରିଷର ଚାଷ କୌଶଳ ଯଥା ବିହନ ବିଶୋଧନ, ଜଳ ପରିଚାଳନା, ଘାସ ପରିଚାଳନା ଶିକ୍ଷା ଦିଆଯାଇଥିଲା । ସୋରିଷ ଫସଲରେ ଜଉ ପୋକ ତଥା ଅନ୍ୟାନ୍ୟ ପୋକର ପରିଚ୍ଳଳନା ପାଇଁ ଥାୟୋମେଥୋକ୍ସାମ୍ ୨୫ ଡବ୍ଲୁ.ଜି. ଏବଂ ନିମ୍ବତେଲର ବ୍ୟବହାର କରାଯାଇଛି ଓ ଫସଲର ଅଧିକ ଅମଳ ପାଇଁ ବୋରନ ଅଣୁସାର ବ୍ୟବହାର କରାଯାଇଛି ।

## ଧାନ ଫସଲରେ ସମନ୍ୱିତ କାଣ୍ଡବିନ୍ଧା ଓ ପତ୍ର ମୋଡ଼ା ପୋକ ପରିଚାଳନାର ଆଗୁଆ ଧାଡ଼ି କ୍ଷେତ୍ର ପଦର୍ଶନ

ଗତ ଖରିଫ ଋତୁରେ କୃଷିବିଜ୍ଞାନ କେନ୍ଦ୍ର ଦ୍ୱାରା ଧାନ ଫସଲରେ ସମନ୍ୱିତ କାଣ୍ଡବିନ୍ଧା ପୋକ ଓ ପତ୍ରମୋଡ଼ା ପୋକ ପରିଚାଳନାର ଆଗୁଆ ଧାଡ଼ି କ୍ଷେତ୍ର ପଦର୍ଶନ ଭାପୁର ବ୍ଲକ୍‌ର ଲକ୍ଷ୍ମୀପ୍ରସାଦ ଗ୍ରାମ ଏବଂ ଓଡ଼ଗାଁ ବ୍ଲକ୍‌ର ଗୋଡ଼ିପଲ୍ଲୀ ଗ୍ରାମରେ କରାଯାଇଥିଲା । ଉକ୍ତ ପଦର୍ଶନ କ୍ଷେତ୍ରରେ ପ୍ରଥମେ ୧୦ ଡେସିମିଲ୍ ତଳି ଘେରାକୁ **Chlorantraniliprole 0.4G** ୪୦୦ ଗ୍ରାମ ଦାନାଦାର ଔଷଧରେ ଉପଚାର କରାଯାଇଥିଲା । ତଳି ରୋଇବାର ୧୫ ରୁ ୨୦ ଦିନ ପରେ ହେକ୍ଟରପ୍ରତି ୨୫ ଟି ସଙ୍ଗ ଆକର୍ଷକ ଯନ୍ତା, ରୋଇବାର ୨୫ ଦିନ ଠାରୁ ଆରମ୍ଭ କରି ଫିପ୍ରୋନିଲ୍ ୫ ଏସ୍.ସି ୧୨୫୦ମିଲି, କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ.ପି ୭୫୦ଗ୍ରାମ କୀଟନାଶକୁ ୧୦-୧୫ଦିନ ବ୍ୟବଧାନ ରେ ଅଦଳ ବଦଳ କରି ପ୍ରତି ହେକ୍ଟର ଜମିରେ ପ୍ରୟୋଗ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଋଷୀ ଭାଇ ମାନେ ହାରାହାରୀ ହେକ୍ଟର ପ୍ରତି ୪୪.୮ କ୍ୱିଣ୍ଟାଲ ଅମଳ ପାଇଥିଲେ ଯାହାକି ତାଙ୍କ ନିଜ ବ୍ୟବହାର କୌଶଳ ଠାରୁ ୧୩.୪% ଅଧିକ ଥିଲା ।







## ମୁଗ ଫସଲରେ ବିହନ ବୁଣା ଯନ୍ତର (ହାପି ସିଡ଼ର) କ୍ଷେତ୍ର ପଦର୍ଶନ

ଧାନ ପରବର୍ତ୍ତୀ ଡ଼ାଲି ଜାତୀୟ ଫସଲ ସମୟରେ (ମୁଗ ଏବଂ ବିରି) ଧାନ ଗଛର ମୂଳୀ ଏବଂ ପାଳ ଅସୁବିଧା କରିଥାଏ । ସେଥିପାଇଁ ଋଷୀଭାଇ ମାନେ ମୁଗ ବୁଣିବା ପୂର୍ବରୁ ପାଳ ଏବଂ ମୁଳିକୁ ନିଆଁ ଲଗାଇ ଦେଇଥାନ୍ତି । ଫଳରେ ପରିବେଶ ପ୍ରଦୁଷଣ ହୁଏ ଏବଂ ମାଟିର ମାନରେ ଅବନତି ଘଟିଥାଏ । ଏହି ସମସ୍ୟାକୁ ଦୃଷ୍ଟିରେ ରଖି ତା ୧୧.୧୨.୨୦୨୫ ରିଖ ଦିନ ସଜନାପଡ଼ା ଗ୍ରାମରେ ହାପିସିଡର ମେସିନ୍‌ର ଆଗୁଆ ଧାଡ଼ି କ୍ଷେତ୍ର ପଦର୍ଶନ ୧୦ଜଣ ଋଷୀଙ୍କ କ୍ଷେତରେ କରାଯାଇଥିଲା । ଏହି ମେସିନ୍‌ରେ ଲାଗିଥିବା ରୋଟାଭେଟର ଧାନ ମୁଳି ଏବଂ ପାଳକୁ ଅତି ସହଜରେ ଗୁଣ୍ଡ କରିଦେବା ସହ ସଠିକ ଗଭିରତାରେ ମଞ୍ଜିକୁ ବୁଣିଥାଏ ।

## ଓୟୁଏଟି ଦ୍ୱାରା ଉଦ୍‌ଭାବିତ ମାଣ୍ଡିଆ କିସମ କଳିଙ୍ଗ ଶ୍ରୀରତ୍ନର କ୍ଷେତ୍ର ପ୍ରଦର୍ଶନ

ସୁପର ଫୁଡ଼ ଭାବେ ପରିଚିତ ମାଣ୍ଡିଆ ଫସଲର ପ୍ରଚାର ପ୍ରସାର ସରକାରୀ ତଥା ବେସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ କରାଯାଇଥିବା ସ୍ଥଳେ ଅଧିକ ଅମଳ କ୍ଷମ ବିହନ ଅଭାବ ତଥା ସଠିକ୍ ପରିଚାଳନା ଅଭାବରୁ ଋଷୀ ଭାଇମାନେ ଆଶା ମୁତାବକ ଅମଳ ପାଇପାରିନଥାନ୍ତି । ମାଣ୍ଡିଆ ସାଧାରଣତଃ ବର୍ଷା ଏବଂ ଶୀତ ଋତୁରେ ଋଷ କରାଯାଏ । ଚଳିତ ବର୍ଷ ଓୟୁଏଟି ଦ୍ୱାରା ଉଦ୍‌ଭାବିତ ଅଧିକ ଅମଳ କ୍ଷମ ନୂତନ କିସମ ଓୟୁଏଟି କଳିଙ୍ଗ ଶ୍ରୀରତ୍ନ ଯାହାର ସର୍ବାଧିକ ଉତ୍ପାଦନ କ୍ଷମତା ହେକ୍ଟର ପ୍ରତି୨୪ କୁଇଣ୍ଟାଲ ଏବଂ ବିଭିନ୍ନ ରୋଗ ଶହନଶୀଳ ଶକ୍ତି ଥିବା ହେତୁ ଉକ୍ତ ମାଣ୍ଡିଆ ବିହନର କ୍ଷେତ୍ର ପଦର୍ଶନ ଜିଲ୍ଲାର ୩ ଟି ବ୍ଲକ୍‌ରେ ଯଥା - ଭାପୁର, ଓଡ଼ଗାଁ, ଦଶପଲ୍ଲା ବ୍ଲକରେ କରାଯାଇଥିଲା । ହେକ୍ଟର ପ୍ରତ



୧୮.୨ କୁଇଣ୍ଟାଲ ଅମଳ ହୋଇଥବା ସ୍ଥଳେ ବୁଦା ପ୍ରତି ୭ରୁ ୮ଟି ଆଙ୍ଗୁଳି  ପରିଲକ୍ଷିତ ହୋଇଥିଲା । ଗାଢ ମାଟିଆ ରଙ୍ଗର ବଡ଼ ଦାନା ଯୁକ୍ତ ବିହନ ହେଇଥିବା ସ୍ଥଳେ ଏହାର ଅମଳ କ୍ଷମତା ପାରମ୍ପରିକ କିସମ ଠାରୁ ୨୦.୩% ଅଧିକ ରେକର୍ଡ଼ ହୋଇଥିଲା ।



## ଆର୍ଯ୍ୟା ପ୍ରକଳ୍ପର ନିର୍ବାହୀ ଅଧିକାରୀ ଡ଼ଃ. ଅଭିଜିତ୍ ହାଲ୍‌ଦାରଙ୍କ କୃଷି ବିଜ୍ଞାନ କେନ୍ଦ ପରିଦର୍ଶନ

ଆର୍ଯ୍ୟା ପ୍ରକଳ୍ପର ନିର୍ବାହୀ ଅଧକାରୀ ଡ଼ଃ. ଅଭିଜିତ୍ ହାଲଦାର, ପ୍ରମୁଖ ବୈଜ୍ଞାନିକ (ICAR-ATARI, KOLKATA) ଗତ ନଭେମ୍ବର ମାସ ୮ ତାରିଖରେ ଆର୍ଯ୍ୟା ପ୍ରକଳ୍ପର ସମୀକ୍ଷା କରିବା ସହିତ କୃଷି ବିଜ୍ଞାନ କେନ୍ଦ୍ରରେ ଆୟୋଜିତ ପନିପରିବା ଚାରା ଉତ୍ପାଦନ ଏବଂ ମାଛ ଜାଆଁଳ ଉତ୍ପାଦନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦାନ କରି କୃଷି ଉଦ୍ୟୋଗିକରଣରେ ଯୁବପିଢ଼ିର ଆବଶ୍ୟକତା ଏବଂ  ସରକାରୀ ସ୍ତରରେ ଉପଲବ୍ଧ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରକଳ୍ପ ସମ୍ବନ୍ଧରେ ପୁଙ୍ଖାନୁ ପୁଙ୍ଖ ଆଲୋଚନା କରିଥିଲେ । ରୋଜଗାର କରିବା ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର ନକରି ବରଂ କୃଷି ଭିତ୍ତିକ ଉଦ୍ୟୋଗକୁ ଆପଣେଇ ଆତ୍ମ ନିର୍ଭରଶୀଳ ହେବା ସହ ନିଜର ଅଞ୍ଚଳରେ ଚାକରି ସୁଯୋଗ ସୃଷ୍ଟି କରିବା ପାଇଁ ଉପଦେଶ ଦେଇଥିଲେ । ଆର୍ଯ୍ୟା ପ୍ରଶିକ୍ଷଣ ପ୍ରାପ୍ତ ଏକ ସଫଳ ମତ୍ସ୍ୟ ଋଷୀର ଜାଆଁଳ ଉତ୍ପାଦନ କେନ୍ଦ୍ରକୁ ପରିଦର୍ଶନ କରିଥିଲେ ଏବଂ ଆର୍ଯ୍ୟା ପ୍ରକଳ୍ପ ଦ୍ୱାରା ଉପକୃତ ହୋଇଥିବା ଉକ୍ତ ସଫଳ ମତ୍ସ୍ୟ ଉଦ୍ୟୋଗୀକୁ ଧନ୍ୟବାଦ ଦେବା ସହ ଆର୍ଯ୍ୟା ପ୍ରକଳ୍ପର ସଫଳ ରୁପାନ୍ତରିତ ନିମନ୍ତେ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




## ବିଶ୍ୱ ମତ୍ସ୍ୟ ଦିବସ ପାଳନ



କୃଷି ବିଜ୍ଞାନ କେନ୍ଦ୍ର ଓ ଜିଲ୍ଲା ମତ୍ସ୍ୟ ବିଭାଗ ମିଳିତ ଆନୁକୂଲ୍ୟରେ ୨୧ ନଭେମ୍ବର ୨୦୨୫ ରିଖ କୃଷି ବିଜ୍ଞାନ କେନ୍ଦ୍ରରେ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗଦେଇଥିବା ଅତିଥିମାନେ ନିଜ ବକ୍ତବ୍ୟରେ ବିଶ୍ୱ ମତ୍ସ୍ୟ ଦିବସର ପ୍ରାଧାନ୍ୟ ଉପରେ ଆଲୋକପାତ କରିଥିଲେ । ବିଶ୍ୱର କୋଟି କୋଟି ଲୋକଙ୍କୁ ଖାଦ୍ୟ ଯୋଗାଉଥିବା ବିଶାଳ ସମୁଦ୍ର ତଥା ଅନ୍ୟାନ୍ୟ ଜଳଉତ୍ସର ଗୁରୁତ୍ୱକୁ ଉପଲବ୍ଧି କରିବା ଓ ଏହା ଉପରେ ନିର୍ଭର କରି ଚଳୁଥିବା ମତ୍ସ୍ୟଜୀବିଙ୍କ  ଜୀବିକା ସୁନିଶ୍ଚିତ କରିବା ସହ ଏକ ପୋଷଣୀୟ ମତ୍ସ୍ୟ ଧାରା କାର୍ଯ୍ୟକ୍ରମକୁ ପ୍ରେତ୍ସାହିତ କରିବା ଲକ୍ଷ୍ୟରେ ପ୍ରତିବର୍ଷ ବିଶ୍ୱବ୍ୟାପି ବିଶ୍ୱ ମତ୍ସ୍ୟ ଦିବସ ପାଳନ କରାଯାଏ । ରାଜ୍ୟ ସ୍ତରରେ ପାଳିତ ହୋଇଥିବା ବିଶ୍ୱ ମତ୍ସ୍ୟ ଦିବସ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥବା ସ୍ଥଳେ, ସରକାରକଙ୍କ ପକ୍ଷରୁ ପ୍ରାକୃତିକ ଜଳ ଉତ୍ସର ସୁରକ୍ଷା ତଥା ମତ୍ସ୍ୟ ଜୀବିଙ୍କ ଆର୍ଥିକ ବିକାଶ ନିମନ୍ତେ କାର୍ଯ୍ୟକାରୀ ହେଉଥିବା  ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କୃଷି ବିଜ୍ଞାନ କେନ୍ଦ୍ରର ବିରିଷ୍ଠ ବୈଜ୍ଞାନିକ ଡ଼ଃ.ଅନିଲ୍ କୁମାର ସ୍ୱାଇଁ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀଯୁକ୍ତ ପ୍ରକାଶ କୁମାର ତ୍ରିପାଠୀ ଅଲୋଚନା କରିଥିଲେ । ଏହି ଉତ୍ସବରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୫୦ ରୁ ଅଧିକ ମତ୍ସ୍ୟ ଚାଷୀ ଯୋଗଦେଇଥିଲେ । ସଫଳ ମତ୍ସ୍ୟ ଚାଷୀଙ୍କୁ ଏହି ଅବସରରେ ସେମାନଙ୍କ କୃତିତ୍ୱ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ନୟାଗଡ଼ ବ୍ଲକ୍ ସହକାରୀ ମତ୍ସ୍ୟ ଅଧିକାରୀ ସ୍ନେହାଶୁ ପଣ୍ଡା ପରିଚାଳନା କରିଥିଲେ ଏବଂ କୃଷି ବିଜ୍ଞାନ କେନ୍ଦ୍ରରେ ବେଜ୍ଞାନିକ ଇଂ. ସୁଚିସ୍ମିତା ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦକ୍ଷତା ବୃଦ୍ଧି ତାଲିମ ଶିବିର

ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିଭାଗ, ଓଡ଼ିଶା ସରକାରଙ୍କ ଅଧିନସ୍ଥ ପ୍ରାଣୀ ସମ୍ପଦ ପ୍ରଶିକ୍ଷଣ କେନ୍ଦ୍ର, ଭୁବନେଶ୍ୱରର ଆର୍ଥିକ ସହାୟତାରେ ପ୍ରାଣୀ ସମ୍ପଦ ବିକାଶ ଏବଂ ବୈଜ୍ଞାନିକ ଜ୍ଞାନ କୌଶଳ ମାଧ୍ୟମରେ ଚାଷ କରିବା ଅଭିପ୍ରାୟରେ କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼କୁ ୫ଗୋଟି ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ କରିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଅଛି ।ଉକ୍ତ କାର୍ଯ୍ୟକ୍ରମ ଅର୍ନ୍ତଭୁକ୍ତ ସହାୟତା ପ୍ରାପ୍ତ ଅବେଦନ କାରି / ଅଗ୍ରଣୀ ଚାଷୀ / ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ / କୃଷି ଉଦ୍ୟୋଗୀ/ଯୁବ ଋଷୀ ମାନଙ୍କୁ ବ୍ରଏଲର କୁକୁଡ଼ା ପାଳନ / ଅଣ୍ଡାଦିଆ କୁକୁଡ଼ା ପାଳନ / ଛେଳି ମେଣ୍ଢା ଘୁଷୁରି ପାଳନ ଆଦି ତାଲିମ୍ କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀଙ୍କ ତତ୍ତ୍ୱାବଧାନରେ କରାଯାଇଅଛି । ବର୍ତ୍ତମାନ ସୁଦ୍ଧା ତିନିଗୋଟି ତାଲିମ୍



କାର୍ଯ୍ୟକ୍ରମ କରାଯାଇଥିବା ସ୍ଥଳେ ଜିଲ୍ଲାର ଅଗ୍ରଣୀ ୬୦ ଜଣ ଚାଷୀ ଭାଇ ଭଉଣୀ ମାନଙ୍କୁ ତାଲିମ ପ୍ରଦାନ କରାଯାଇଅଛି । ଏହି କାର୍ଯ୍ୟକ୍ରମ ଅର୍ନ୍ତଭୁକ୍ତ ଋଷୀ ମାନଙ୍କୁ ନୂତନ ଜ୍ଞାନ କୌଶଳ ବାବଦରେ ତାଲିମ ଦେବା ସହ ସଫଳ ଋଷୀ ମାନଙ୍କ ଫାର୍ମକୁ ପରିଦର୍ଶନ କରାଯାଇଥିଲା ।

## ବିଶ୍ୱ ମୃତ୍ତିକା ଦିବସ



କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଗତ ଡ଼ିସେମ୍ବର ମାସ ୫ ତାରଖରେ ବିଶ୍ୱ ମୃତ୍ତିକା ଦିବସ ନୟାଗଡ଼ ବ୍ଲକ ଅନ୍ତର୍ଗତ ଖେଡ଼ପଡ଼ା ଗ୍ରାମରେ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଖେଡ଼ପଡ଼ା ଗ୍ରାମର ୫୦ ରୁ ଉର୍ଦ୍ଧ୍ୱ ଋଷୀ ଭାଗ ନେଇଥିଲେ । ବର୍ତ୍ତମାନ ପରିସ୍ଥିତିରେ ମୃର୍ତ୍ତିକାର ଅବକ୍ଷୟ ଓ ଏହାର ନିରାକରଣ ବିଷୟରେ କ୍ଷେତ୍ର ପରିଚାଳକ ଶ୍ରୀ ଦେବାଶିଷ ନାୟକ ଆଲୋକପାତ କରିଥିଲେ । ଏହା ସହିତ ରାସାୟନିକ ସାର ଯୋଗୁଁ କିପରି ମୃର୍ତ୍ତିକାର ମାନ ନଷ୍ଟ ହୋଉଛି ଏବଂ ଏହାର ପ୍ରୟୋଗକୁ କମ୍ କରି ଜୈବିକ ବା ପାକୃତିକ କୃଷିକୁ ଆପଣେଇବାକୁ ଋଷୀ ମାନଙ୍କୁ ସଂକ୍ଷେପରେ କହିଥିଲେ, ଉକ୍ତ ଦିବସରେ କେନ୍ଦ୍ରର କୃଷିଯନ୍ତ୍ରପାତି ବୈଜ୍ଞାନିକ ଇଂ. ସୁଚୀସ୍ମିତା ଦ୍ୱିବେଦୀ Straw Baler ବ୍ୟବହାର କରି ଧାନ ଫସଲ ଅମଳ ପରେ (With combine Harvester) ବଳକା ପାଳକୁ ବିଡ଼ା କରିବାର ପ୍ରକ୍ରିୟା ଉପରେ ତାଲିମ୍ ପ୍ରଦାନ ଏବଂ କ୍ଷେତ୍ର ପ୍ରଦର୍ଶନ କରିଥିଲେ ।

## ମାଛ ଚାଷର ଖାଦ୍ୟ ପରିଚାଳନା କର୍ମଶାଳା

ଜାତୀୟ ମତ୍ସ୍ୟ ଉନ୍ନୟନ ସଂସ୍ଥା ଏବଂ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ତା. ୩.୧୨.୨୦୨୫ ରିଖରେ ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ସୋଲପଟା ଗ୍ରାମ ପଞ୍ଚାୟତର ମା' ଭୂଇଁଆଣୀ ମତ୍ସ୍ୟ ଓ ଯାଆଁଳା ଉତ୍ପାଦନ କେନ୍ଦ୍ରଠାରେ ମାଛ ଚାଷରେ ଖାଦ୍ୟ ପରିଚାଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନିକଟବର୍ତ୍ତୀ ପଞ୍ଚାୟତ ଗୁଡ଼ିକର ମତ୍ସ୍ୟ ଚାଷୀ ମାନେ ଅଂଶଗ୍ରହଣ କରି ମାଛ ଖାଦ୍ୟର ସୁପରିଚାଳନା  ଦ୍ୱାରା କିଭଳି ଅଧିକ ଲାଭବାନ ହୋଇପାରିବେ ସେ ସମ୍ବନ୍ଧରେ ଅବଗତ ହୋଇଥିଲେ । କାର୍ଯ୍ୟକ୍ରମଟିରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼. ଅନିଲ୍ କୁମାର ସ୍ୱାଇଁ, ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ଶ୍ରୀଯୁକ୍ତ ସ୍ନେହାଂସୁ ପଣ୍ଡା ତଥା ଯୁବ ମତ୍ସ୍ୟ ଚାଷୀ ଶ୍ରୀଯୁକ୍ତ ମଳୟ କୁମାର ନାୟକ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




## ବିଭିନ୍ନ କୃଷି ସମ୍ପ୍ରସାରଣ  କାର୍ଯ୍ୟକ୍ରମ


ସ୍ୱଚ୍ଛ ଭାରତ ଅଭିଯାନ


ଗ୍ରାମୀଣ ଯୁବକ ଯୁବତୀ ମାନଙ୍କ ପାଇଁ ହାଇଟେକ୍ ଉଦ୍ୟାନ କୃଷି ତାଲିମ କାର୍ଯ୍ୟକ୍ରମ


ମୂଲ୍ୟ ଯୁକ୍ତ ଖାଦ୍ୟ ପ୍ରସ୍ତୁତି ଉପରେ ତାଲିମ କାର୍ଯ୍ୟକ୍ରମ


ଛତୁ ବିହନ ଉତ୍ପାଦନ ଉପରେ ଧନ୍ଦା ମୂଳକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ


ଏକ୍ ପେଡ଼୍ ମା କେ ନାମ


ସମ୍ବିଧାନ ଦିବସ


କିଷାନ ସମ୍ମାନ ଦିବସ


ରାଷ୍ଟ୍ରୀୟ ଏକତା ଦିବସ

**ପ୍ରକାଶକ**

ଡ଼ଃ ଅନିଲ୍ କୁମାର ସ୍ୱାଇଁ
ବରିଷ୍ଠ  ବୈଜ୍ଞାନିକ ଓ ମୁଖ୍ୟ

**ବୈଷୟିକ ସହାୟତା**

ଗୀତାଞ୍ଜଳୀ ସୁବୁଦ୍ଧି, ପ୍ରମୋଦ କୁମାର ପୃଷ୍ଟି, ମଧୁମିତା ଜେନା, ସୁଚିସ୍ମିତା ଦ୍ୱିବେଦୀ, ଦେବାଶିଷ ନାୟକ, ଜ୍ଞାନ ରଞ୍ଜନ ସାହୁ
ସଙ୍ଗିତା ପଣ୍ଡା

**ଯୋଗାଯୋଗ ଠିକଣା**

**କୃଷି ବିଜ୍ଞାନ କେନ୍ଦ୍ର**
ଗ୍ରାମ - ପାଣିପୋଇଲା, ପୋଷ୍ଟ- ବାଲୁଗାଁ,
ଜିଲ୍ଲା -ନୟାଗଡ, ଫୋନ - 9439024040